# ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ

## ଓଡ଼ିଶା, କଟକ

38001/21/2627

## ବିଜ୍ଞାପନ

ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟର ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ଅନୁମତି ପତ୍ର (permit) ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସମୟ ସହ ଦରଖାସ୍ତ କରିଅଛନ୍ତି। ଉକ୍ତ ବସ୍‌ଗୁଡିକର ପଞ୍ଜୀକରଣ ସଂଖ୍ୟା (Registration Number), ମାଲିକଙ୍କ ନାମ, ଆବେଦନ କରିଥିବା ମାର୍ଗ ଏବଂ ସମୟ ପରିବହନ ପ୍ରାଧିକରଣଙ୍କ website **http://odishatransport.gov.in** ଏବଂ **http://opms.odishatransport.gov.in**ରେ ଉପଲବ୍ଧ। ନୂତନ ଦରଖାସ୍ତ ୨୩.୦୬.୨୦୨୬ ପର୍ଯ୍ୟନ୍ତ online ମାଧ୍ୟମରେ ଗ୍ରହଣ କରାଯିବ। ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତ୍ତି ଥାଏ, ତାହେଲେ Odisha Permit Management System (OPMS) ଏବଂ **ori_stalaw@yahoo.co.in**ରେ ବସ୍ ମାଲିକମାନେ ୨୫.୦୬.୨୦୨୬ ତାରିଖ ସୁଦ୍ଧା ଆପତ୍ତି/ଅଭିଯୋଗ ଦାଖଲ କରିପାରିବେ। ଏହାଛଡ଼ା ଶୁଣାଣି ଦିନ ମଧ୍ୟ ଆପତ୍ତି ଦାଖଲ କରିପାରିବେ। ଧାର୍ଯ୍ୟ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣି ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ଷଷ୍ଠ ମହଲା, ରାଜସ୍ୱ ପର୍ଷଦ ଭବନ, କଟକଠାରେ video Conferencing ମାଧ୍ୟମରେ ନିମ୍ନମତେ କରାଯିବ।

| କ୍ରମିକ ସଂଖ୍ୟା | ଶୁଣାଣି ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୨୯.୦୬.୨୦୨୬ | ୧୧.୩୦ ଘଟିକା |
| ୧୦୧ ରୁ ଶେଷ ପର୍ଯ୍ୟନ୍ତ | ୩୦.୦୬.୨୦୨୬ | ୧୧.୩୦ ଘଟିକା |

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତ୍ତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟରେ video Conferencing Link (**http://odishatransport.gov.in**) ମାଧ୍ୟମରେ ନିଜ ଘରେ ଉପସ୍ଥିତ ରହି ନିଜର ପକ୍ଷ ମୌଖିକ ଭାବେ ରଖିପାରିବେ।

ସ୍ୱାକ୍ଷର/- ସଚିବ

ରାଜ୍ୟ ପରିବହନ ପ୍ରାଧିକାରୀ

ଓଡ଼ିଶା, କଟକ

OIPR-38001/38003/1/26-27/0011